# କୁଶବିଦ୍ଧତାର କ୍ଲାନ୍ତହୀନ ସରଣୀ: ଜାଗ୍ରତ ପ୍ରହରୀ

ଶ୍ରୀ ଅପୂର୍ବ ରଂଜନ ରାୟ

ପୁଅର ଏପରି ଅନୁରୋଧରେ ମାଆ ଆଶ୍ଚର୍ଯ୍ୟ ହୋଇଗଲେ । କିଛି ଉତ୍ତର ଦେଇ ହେଉ ନାହିଁ । ପୁଅର ଏକାନ୍ତ ଜିଦ୍, ଘରେ ବିଦେଶୀ ଜିନିଷ ରହିବ ନାହିଁ । ବିଦେଶୀ ବସ୍ତ୍ର ପିନ୍ଧା ହେବ ନାହିଁ । ଘରେଥିବା ସମସ୍ତ ବିଦେଶୀ ଜିନିଷ ବାହାର କରିଦେବା ପାଇଁ ପୁଅର ଜିଦ୍ ଦେଖି, ମାଆ ତାକୁ ଆକଟ କରିବା ସମ୍ଭବ ହେଉନଥାଏ । ଯେତେବେଳେ ପୁଅ ଅତ୍ୟନ୍ତ ସ୍ପଷ୍ଟ ଭାବରେ ମାଆକୁ ପଚାରିଲା – "ବୋଉ, ସତରେ କଣ ଆମ ଏ ଘରେ ବିଦେଶୀ ବସ୍ତ୍ର ନାହିଁ । ମୋ ମଥା ଉପରେ ହାତ ରଖି କହିଲୁ ବୋଉ, ଏଘରେ କେଉଁଠି ବିଦେଶୀ ବସ୍ତ୍ର ଲୁଚାଇ ରଖାଯାଇ ନାହିଁ ।"

ବିଦେଶୀ ସରକାରଙ୍କ ରାଜତ୍ୱ । ସାତ ସମୁଦ୍ର ତେର ନଈ ପାର ଦେଶରୁ ଇଂରେଜ ମାନେ ବଣିକ ବେଶରେ ଆସି ଏ ଦେଶର ବ୍ୟବସାୟୀ, ଶାସକ ହେବା ସେମାନଙ୍କ ପାଇଁ କମ୍ ଗୌରବର ବିଷୟ ନୁହେଁ । ଭାରତ ବିଦେଶୀ ବ୍ୟବସାୟୀଙ୍କ ହାତରେ ପରାଧୀନ ହେବା ଦୁର୍ଭାଗ୍ୟର ଘଟଣା । ସମଗ୍ର ଦେଶରେ ବିଦେଶୀ ଦ୍ରବ୍ୟର ବ୍ୟବହାର ଚାଲିଥିବା ବେଳେ ତାଙ୍କ ଘରେ ବା ବିଦେଶୀ ବସ୍ତ୍ରର ଅଭାବ ରହନ୍ତା କିପରି !

ସାହସୀ ପୁଅ ବିଦେଶୀ ବସ୍ତ୍ର ଯଜ୍ଞ ଆରମ୍ଭ କରିଛି । ଘର ଘର ବୁଲି ବିଦେଶୀ ବସ୍ତ୍ର ସଂଗ୍ରହ କରିଛି । ଗାଆଁର ମଝି ଦାଣ୍ଡରେ ବିଦେଶୀ ବସ୍ତ୍ରକୁ ଏକାଠି ରଖାଯାଇ ସେଥିରେ ଅଗ୍ନି ସଂଯୋଗ କରାଯାଇଛି । ନିଜ ଘରେ ଥିବା ବିଦେଶୀ ବସ୍ତ୍ରକୁ ସେ ବା ନନିଅନ୍ତା କିପରି । ମାଆ ପୁଅ ମଥାରେ ହାତରଖି ମିଥ୍ୟା କହିବାକୁ ତୁଣ୍ଡ ଖୋଲିଲା ନାହିଁ । ପୁଅ ଭୟରେ ବିଦେଶୀ ବସ୍ତ୍ର ମାଣ୍ଟୁ ଉପରେ ଲୁଚାଇ ରଖାଯାଇଥିଲା । ପୁଅର ଜିଦ୍ ଦେଖି, ମଆ ସେହି ବସ୍ତ୍ରକୁ ଆଣି ପୁଅ ହାତକୁ ବଢାଇ ଦେଲେ । ପୁଅର ଆନନ୍ଦ କହିଲେ ନସରେ । ବିଦେଶୀ ବସ୍ତ୍ର ଯଜ୍ଞରେ ଘର ଭିତରୁ ପାଇଥିବା ବିଦେଶୀ ବସ୍ତ୍ରକୁ ପକାଇ ଦେଲା କାଳେ ଘରୁ ବସ୍ତ୍ରଗୁଡ଼ିକ ଚାଲିଆସିଛି ବୋଲି ମାଆ କିଛି ଭାବୁଥିବେ, ସେଥିପାଇଁ ପୁଣି ଘର ଭିତରକୁ ଚାଲିଯାଇ ମାଆକୁ କହିଲା- "ବୋଉ, କିଛି ଭାବନା, ଏସବୁ ବିଦେଶୀ ବସ୍ତ୍ର ଆମ ଘରେ ରଖିବା ଉଚିତ୍ ନୁହେଁ ।"

ପୁଅ ଆଜି ବିପ୍ଳବୀ, ସେ ବିଦ୍ରୋହ କରିବା ପାଇଁ ଅଳ୍ପ ବୟସରୁ ସିଦ୍ଧାନ୍ତ କରିସାରିଛି, ଏହା ବୁଝିବା ମା'ଙ୍କ ପାଇଁ ସମୟ ଲାଗିଲା ନାହିଁ । ଯେଉଁ ପୁଅ ଜିଦ୍ ଯୋଗୁଁ, ସଂଗ୍ରାମୀ, ବିପ୍ଳବୀ ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ୟନାମ ହୋଇ ପାରିଲା, ସେ ଜାତୀୟ କବି ବାଞ୍ଛାନିଧି ମହାନ୍ତି- ସବୁରି ଆଦରର ଜାତିପ୍ରାଣ ଓ ନମସ୍ୟ । ଏହି ବରପୁତ୍ର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବାସୁଦେବପୁର ନିକଟବର୍ତ୍ତୀ ଇରମ ଗ୍ରାମରେ ୧୮୯୭ ମସିହା ଅପ୍ରେଲ ମାସ ୨୦ତାରିଖରେ ଆବିର୍ଭୁତ ହୋଇଥିଲେ । ପିତା ଚିନ୍ତାମଣି ସେତେବେଳେ ଇରମର ଜମିଦାର ନୀଳମାଧବ ପାଢୀଙ୍କ ସିରସ୍ତାରେ ଗୁମାସ୍ତା ଚାକିରୀରେ ନିଯୁକ୍ତ ହୋଇଥାଆନ୍ତି । ଜଣେ ସଚ୍ଚୋଟ କର୍ମଚାରୀ ଭାବେ ତାଙ୍କର ସୁନାମ ରହିଥାଏ । ତାଙ୍କର ଆର୍ଥିକ ଅବସ୍ଥା ସେତେ ଭଲ ନଥିଲେ ବି ସୁଦ୍ଧା, ସେ ଅନ୍ୟାୟ ଓ ଅନୀତି ବଳରେ ଅର୍ଥ ରୋଜଗାରକୁ ପସନ୍ଦ କରୁନଥିଲେ । ଅଭାବବର ସମ୍ମୁଖୀନହୋଇ ପରିବାରର ଭରଣ ପୋଷଣ ପାଇଁ ପର ପାଖରେ ଚାକିରୀ କରିଥିଲେ ବି, ସେ କେବେ ହେଲେ ଅନ୍ୟାୟକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ଅର୍ଥାଭାବ ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲା । ଏହି ଆଦର୍ଶ ଦ୍ୱାରା ବାଞ୍ଛାନିଧି ପିଲାଟି ଦିନରୁ ପ୍ରଭାବିତ ହୋଇ ପାରିଥିଲେ । ଚିନ୍ତାମଣିଙ୍କ ସଚ୍ଚୋଟ ପଣିଆ, ଜମିଦାରଙ୍କୁ ସନ୍ତୁଷ୍ଟ କରିପାରିନଥିଲା । ଅନ୍ୟାୟ କାର୍ଯ୍ୟ କରିବା ପାଇଁ ଗୁମାସ୍ତା ଚିନ୍ତାମଣିଙ୍କୁ ଜମିଦାର ବାଧ କଲେ ସୁଦ୍ଧା, ସେ ଏଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଜମିଦାର ନିଜର ସ୍ୱାର୍ଥସିଦ୍ଧି ପାଇଁ ଚିନ୍ତାମଣିଙ୍କ ଦ୍ୱାରା ଗୋଟିଏ ଅନ୍ୟାୟ ଓ ଅସଙ୍ଗତ କାର୍ଯ୍ୟ ସଂପନ୍ନ କରାଇନେବା ଲାଗି ଚିନ୍ତାକଲେ । ମାତ୍ର ଗୁମାସ୍ତା, ଏପରି ଅନ୍ୟାୟ କାର୍ଯ୍ୟ କରିପାରିବେ ନାହିଁ ବୋଲି, କହି ଜମିଦାରଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିଦେବାରୁ, ଚିନ୍ତାମଣି ଚାକିରି ଛାଡ଼ିବାକୁ ବାଧ ହେଲେ । ଆର୍ଥିକ ଅସ୍ୱଚ୍ଛଳତା ଭିତରେ ଗୁମାସ୍ତା ଚାକିରିରୁ ଯାହା ମିଳୁଥିଲା, ସେତକ ବି ହରାଇ ବସି ସେ ଆହୁରି ଅଧିକ ଅର୍ଥାଭାବ ଦେଇ ଗତିକଲେ । ପରିବାର ଭରଣ ପୋଷଣ ବହୁ କଷ୍ଟକର ହେଲା ।

ଦୁଃଖ ଏକାକା ନ ଆସିବା ପରି , ତାଙ୍କ ଚାକିରୀ ଚାଲିଯିବା ବେଳେ, ପତ୍ନୀ ପବିତ୍ରା ଦେବୀଙ୍କ ବିୟୋଗ ହେଲା । ଆତ୍ମୀୟମାନଙ୍କ ପରାମର୍ଶ କ୍ରମେ ସେ କୁନ୍ଦଲ ତାଙ୍କୁ ଦ୍ୱିତୀୟ ବିବାହ କଲେ । ଆଠ ବର୍ଷ ବୟସର ବାଞ୍ଛାନିଧି, ସେତେବେଳକୁ ଗାଁ ଚାଟଶାଳୀ ଓ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢା ଶେଷକରି ସାରିଥିଲେ । ଅଧିକ ଅଧ୍ୟୟନ ପାଇଁ ଆଗ୍ରହ ଥିଲେ ସୁଦ୍ଧା, ପରିବାରର ପରିସ୍ଥିତି ପାଇଁ ସେ ବିଶେଷ ମନଖୋଲି କାହାକୁ କିଛି କହି ପାରୁ ନଥାନ୍ତି । ପରିବାରର ଭରଣ ପୋଷଣ ପାଇଁ ଚିନ୍ତାମଣି ଭଦ୍ରକ ଆସି କଚେରୀରେ ମୋହରିର କରିବାକୁ ବାଧ ହେଲେ । ଭଦ୍ରକରେ ଅବସ୍ଥାନ କରିବା ହେତୁ, ପୁଅ ବାଞ୍ଛାନିଧିଙ୍କର ଉଚ୍ଚ ଶିକ୍ଷା ପାଇଁ ଅସୁବିଧା ହେଲା ନାହିଁ । ପୁଅ ତାଙ୍କ ସାଥୀରେ ରହି ଭଦ୍ରକ ହାଇସ୍କୁଲରେ ପଢିଲେ । ୧୯୧୧ ମସିହାରେ ସେହି ହାଇସ୍କୁଲରୁ ସେ ଦ୍ୱିତୀୟ ଶ୍ରେଣୀରେ ମ୍ୟାଟ୍ରିକ ପାଶ୍ କଲେ ।

କଟକସ୍ଥ ରେଭେନ୍ସା କଲେଜରେ ବାଞ୍ଛାନିଧି ଆଇ.ଏ. ଅଧ୍ୟୟନ ସମୟରେ ଗୋବିନ୍ଦଚନ୍ଦ୍ର ସୁରଦେଓ, କାନ୍ତ କବି ଲକ୍ଷ୍ମୀକାନ୍ତ ଓ କବି ମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ପ୍ରମୁଖ ସାରସ୍ୱତ ସାଧକ ମଧ୍ୟ ସେଠାରେ ଅଧ୍ୟୟନ କରୁଥାଆନ୍ତି । ଏମାନେ ସମସ୍ତେ ଥିଲେ ସଂଗୀତ ଓ ନାଟକ ପ୍ରେମୀ । ଏମାନଙ୍କ ସଂସ୍ପର୍ଶରେ ଆସିବା ଯୋଗୁଁ, ପିଲାଟି ଦିନୁ ତାଙ୍କର ରହିଆସିଥିବା ସଂଗୀତ ଓ ନାଟକ ପ୍ରତି ଶ୍ରଦ୍ଧା ଆହୁରି ବଢିଗଲା । ବାଞ୍ଛାନିଧି ପ୍ରଥମ ଶ୍ରେଣୀରେ ଆଇ.ଏ. ପାଶ୍ କରିବାପରେ, ୧୯୧୩ ମସିହାରେ ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ଅଧ୍ୟୟନ କଲେ । ସେତେବେଳକୁ ସେ ନାଟକ "କାଞ୍ଚିକାବେରୀ" ରେ ଅଭିନୟ କରି ସେ ନିଜକୁ ଜଣେ କୁଶଳୀ ଅଭିନେତାର ପରିଚୟ ଦେଇ ପାରିଥିଲେ । ସେ ସୁକଣ୍ଠ ଗାୟକ ଥିବାରୁ ଏହି ସମୟରୁ ବିଭିନ୍ନ ସଭା ସମିତିରେ ସଂଗୀତ ଗାନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ନାଟକ ଓ ସଂଗୀତ ଚର୍ଚ୍ଚାରେ ଅଧିକ ମନୋନିବେଶ କରିବା ହେତୁ, ବି.ଏ. ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ । ବିଦ୍ୟାଅଧ୍ୟୟନରେ ଆଉ ମନ ନଦେଇ, ଚାରିକି ଖୋଜିଲେ । ନୀଳଗିରରେ ଶିକ୍ଷା ବିଭାଗର ସବ୍ ଇନ୍‌ସିପେକ୍ଟର ଚାକିରିରେ ଯୋଗଦେଲେ । ସେଠାରେ କିଛିଦିନ ଚାକିରି କରିବା ପରେ ପୁଣି ବି.ଏ. ପରୀକ୍ଷା ଦେଇ କୃତକାର୍ଯ୍ୟ ସହ ଉତ୍ତୀର୍ଣ୍ଣ ହେଲେ ।

ଛାତ୍ରାବସ୍ଥାରୁ ବାଞ୍ଛାନିଧି ଭବିଷ୍ୟତରେ ଜଣେ ବରପୁତ୍ର ଭାବେ ସମ୍ମାନିତ ହେବେ, ଏହାର ସୂଚନା ମିଳିଥିଲା । ସଂଗୀତ ରଚନା କରି ସୁମଧୁର ସ୍ୱରରେ ପରିବେଷଣ କରିବାର କୌଶଳ ତାଙ୍କୁ ଜଣାଥିଲା । ସେଥିପାଇଁ ସେ ସୁକଣ୍ଠ ଗାୟକ ରୂପେ ଶ୍ରୋତାମାନଙ୍କର ପ୍ରିୟଭାଜନ ହେଉଥିଲେ । ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ ତାଙ୍କ ଅଭିନୟ ଦର୍ଶକ ମାନଙ୍କୁ ମୁଗ୍ଧ କରିଥିଲା । ବିଶେଷତଃ ଓଡ଼ିଆ ଭାଷାର ପ୍ରଥମ ନାଟକ ସ୍ୱର୍ଗତଃ ରାମଶଙ୍କର ରାୟଙ୍କ ରଚିତ କାଞ୍ଚିକାବେରୀରେ ଜୀବନ୍ତ ଅଭିନୟ ତାଙ୍କୁ ଜଣେ ସଫଳ ଅଭିନେତା ଭାବେ ପରିଚିତ କରିପାରିଥିଲା । ଏହି ସମୟରେ ସବୁ କ୍ଷେତ୍ରରେ ତାଙ୍କ ସ୍ୱାଭିମାନୀ ମନୋବୃତ୍ତିର ପରିଚୟ ମିଳିଥିଲା । ଦେଶାତ୍ମବୋଧକ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ,ସ୍ୱାଧିନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ଦେଶ ଓ ଜାତିର ଅତୀତ ଗୌରବ ଗାଥାରେ ସେ ବିହ୍ୱଳ ହୋଇ ପଡ଼ନ୍ତି । ଛାତ୍ର ଥିବା ସମୟରେ ତାଙ୍କ ସଂଗ୍ରାମୀ ତଥା ବିପ୍ଳବୀ ଚେତନାର ପରିପ୍ରକାଶ ଘଟିଥିଲା । ଆଜି ଅନେକ ହୁଏତ କଳ୍ପନା କରିପାରିବେ ନାହିଁ ଯେ, ବାଞ୍ଛାନିଧି ଛାତ୍ରାବସ୍ଥାରେ ଏପରି ସଂଗୀତ ଲେଖିଥିଲେ-

"ପଡୁ ନାହି କି ତିଳେ ମନେ ସୋଦର ହେ
ପୂରୁବ ମହିମା ପୂରୁବ ଗରିମା
ଉତ୍କଳ ଅତୀତ କାହାଣୀ ଶ୍ରବଣେ ।
କବି ଉପେନ୍ଦ୍ର ଭଞ୍ଜ କବିତା କାସାରୀ -କଞ୍ଜ
ଦୀନକୃଷ୍ଣ, ବଳରାମ, ଜଗନ୍ନାଥ
ସାମନ୍ତ ସାହିତ୍ୟିକ ଲୀଳାବତୀ ଗାଣିତିକ
ଜ୍ୟୋତିଷ ପ୍ରବର ଶ୍ରୀ ଚନ୍ଦ୍ର ଶେଖର
ଉଇଁଥିଲେ ତବ ଭାଗ୍ୟେ ଏହୁ ତପନେ ।

ଉତ୍କଳମଣି ଗୋପବନ୍ଧୁ ଗୋଟିଏ ସଭାରେ ଏହି ଗୀତିଟି ଶୁଣିବା ପରେ, ବାଞ୍ଛାନିଧିଙ୍କୁ ଭୁଲି ପାରିଲେ ନାହିଁ । ତାଙ୍କ ଦେଶବତ୍ସଳତା ଓ ସ୍ୱଦେଶ ପ୍ରୀତିର ପ୍ରମାଣ ପାଇ ସେ ତାଙ୍କୁ କୋଳେଇ ନେଲେ । ସେହିଦିନୁ ବାଞ୍ଛାନିଧିଙ୍କ ପ୍ରତିଭା ଯେତିକି ବିକଶିତ ହେଉଥାଏ, ସେତିକି ମଧ୍ୟ ତାଙ୍କ ପରିବାରର ଅର୍ଥାଭାବ ଦେଖାଯାଉଥାଏ । ପିତା ଚାହୁଁଥାଆନ୍ତି, ପୁତ୍ର ଚାକିରିରେ ନିଯୁକ୍ତ ହୋଇ ଅର୍ଥ ରୋଜଗାର କରୁ । କିନ୍ତୁ ପୁତ୍ର ଚାକିରି ପ୍ରତି ଆଦୌ ଆଗ୍ରହ ନଥିଲେ । କାହା ଅଧୀନରେ ଚାକିରି କରି ନିଜତ୍ୱକୁ ଜଳାଞ୍ଜଳି ଦେବା ସପକ୍ଷରେ ସେ ନଥାଆନ୍ତି । ପିତା ଯେତେ ବାଧ୍ୟ କଲେ ବି ସୁଦ୍ଧା ନିଜ ସ୍ୱାଧୀନତାକୁ ପର ପାଖରେ ହଜାଇ ଦେବାକୁ ସମ୍ମତ ହେଉ ନଥିଲେ । ବି.ଏ. ପାଶ୍ କରିବା ପରେ ତଥାପି ପିତାଙ୍କ ବାଧ୍ୟ ବାଧ୍ୟକତାରେ ଭଦ୍ରକ ହାଇସ୍କୁଲରେ ଶିକ୍ଷକ ଚାକିରିରେ ଯୋଗ ଦେଲେ । ମାତ୍ର ଛଅମାସ ପରେ ଆଉ ଚାକିରି କରିବା ତାଙ୍କ ପକ୍ଷେ ସମ୍ଭବପର ହେଲା ନାହିଁ । ସ୍ୱାଧୀନତାର ଆହ୍ୱାନ ତାଙ୍କୁ ବିଚଳିତ କରି ପକାଇଲା । ଶିକ୍ଷକତା କାଳରେ ଡ଼ଃ ହରେକୃଷ୍ଣ ମହତାବ ଭଦ୍ରକ ହାଇସ୍କୁଲରେ ଛାତ୍ର ଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଦୁହେଁ ସହଦେଶସେବୀ ଓ କର୍ମୀ ଭାବରେ ସାଧାରଣ ଜୀବନରେ କାର୍ଯ୍ୟ କରିଥିଲେ । ସ୍ୱାଧୀନ ଭାବରେ ଦେଶ ପାଇଁ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଧାଇଁଥିଲେ ହେଁ, ପରିବାରର ଅର୍ଥାଭାବ ତାଙ୍କ ଚିନ୍ତାର ବାଧକ ହେଉଥାଏ । ପୁନଶ୍ଚ ବାଧ୍ୟ ହୋଇ ଭଦ୍ରକ ସହର ଅନ୍ତର୍ଗତ ଚରଂପା ଠାରେ ସ୍ଥାପିତ ବିରଜା ଅମିନ ସ୍କୁଲ, ସର୍ଭେ ଟ୍ରେନିଂ ସ୍କୁଲରେ ଶିକ୍ଷକ ରୂପେ ଯୋଗଦାନ କରି, କିଛି ମାସ ଶିକ୍ଷକତା କରି ଗୁଜରାଣ ମେଣ୍ଟାଇଲେ । ଏତେବେଳେ ମହାତ୍ମାଗାନ୍ଧୀ ସମଗ୍ର ଦେଶରେ ସ୍ୱାଧୀନତାର ଢେଉ ଖେଳାଇ ଦେଲେଣି । ସେଥିରେ ବିପ୍ଳବୀ ବାଞ୍ଛାନିଧି ଉଦ୍‌ବୁଦ୍ଧ ହୋଇ ପଡ଼ିଥିବା ସମୟରେ ତାଙ୍କୁ କିଏ ବା ଚାକିରିର ପରାଧୀନତା ଭିତରେ ଆବଦ୍ଧ କରିପାରନ୍ତା ! ଆରମ୍ଭ ହେଲା ସଂଗ୍ରାମ ଜୀବନ ଯାତ୍ରା । ଯୁବ ଯୋଦ୍ଧା ବାଞ୍ଛାନିଧି ସଗ୍ରାମର ଅବତୀର୍ଣ୍ଣ ହେଲେ ।

ଯେତେବେଳେ ବି.ଏ. ପାଠର ଗୁରୁତ୍ୱ ଥିଲା ବି.ଏ. ପାଶ୍ କରିଥିବା ଶିକ୍ଷିତ ବ୍ୟକ୍ତି ପାଇଁ ଚାକିରିର ଅଭାବ ନଥାଏ,

ସେତେବେଳେ ସ୍ୱାଧୀନଚେତା ବାଞ୍ଛାନିଧି ସେହି ସୁଯୋଗରେ ସୁବିଧା ହାସଲ କଲେ ନାହିଁ । ପିତା ଚାହିଁଥିଲେ କେତେ କଣ ! ପୁଅ ପରିବାରର ଦାୟିତ୍ୱ ବହନ କରିବ । ମାତ୍ର ତାଙ୍କ ଆଶା ପୂରଣ ହେଲା ନାହିଁ । ସବୁ ଦୁଃଖ କଷ୍ଟ ସେ ପୁତ୍ର ପାଇଁ ଭୁଲି ଯାଇଥିଲେ । ମାତ୍ର ଶିକ୍ଷିତ ହୋଇ ଶେଷରେ ଚାକିରିକୁ ତୁଚ୍ଛ ମନେକରି ଦେଶ ସେବାକୁ ବ୍ରତ କରିନେବା ଦେଖି ସେ ମୁଣ୍ଡରେ ହାତ ଦେଲେ । ଚିନ୍ତାରେ ଚିନ୍ତାମଣି ବିବ୍ରତ ହୋଇପଡ଼ି ମନକୁ ମନ କହନ୍ତି-ପୁଅଟାକୁ ସବୁରୋଜଗାର ଖରଚ କରି ପକାଇଲି । ସେ ମଣିଷ ହେଲେ ମୁଁ ନିଶ୍ଚିନ୍ତରେ ନିଃଶ୍ୱାସ ଛାଡ଼ିବି । କାହୁଁ ଏ ଦୁର୍ଗତି ମାଡ଼ି ଆସିଲା । ମହାତ୍ମାଗାନ୍ଧୀ ଆଗ ମୋରି ପୁଅ ମୁଣ୍ଡରେ ଶିରିପା ବାନ୍ଧିଲେ । ସବୁ ସୁଖ ମୋ ଧୋଇରେ ଗଲା । ଯାହା ପାଇଁ ନିଜ ସୁଖ ଛାଡ଼ି ଘର ଦ୍ୱାର ତ୍ୟାଗକରି ଏଠି କଚେରୀରେ ଖଟି ଖଟି ମାଟି ହେଲି, ତେ ଭେଣ୍ଡି ପାଲଟିଗଲା । ଆଉ ମୋର ଚାରା କଣ ? ଏପରି କୁଳାଙ୍ଗାର ପୁତ୍ର ମୁଁ କଅଣ ଆଶା କରିଥିଲି ? ହଉ, ବିଧାତାଙ୍କର ଇଚ୍ଛା । ବିଧାତା ଚାହିଁଛନ୍ତି ବାଞ୍ଛାନିଧି ସୁପୁତ୍ର ଭାବେ ସ୍ମରଣୀୟ ହୋଇ ରହିବ । ସେ ଭେଣ୍ଡି କି କୁଳାଙ୍ଗାର ହେବେ କିପରି ! ପିତାଙ୍କ ନାମ ସବୁଦିନ ପାଇଁ ସ୍ମରଣ ରଖିବା ପାଇଁ ପୁତ୍ର ରୂପେ ସେ ଜନ୍ମ ହୋଇଛନ୍ତି । ଚିନ୍ତାମଣି ବା ଜାଣନ୍ତେ କାହିଁକି !

ସ୍ୱାଧୀନ ଭାବରେ ରହିବା ଯାହା କାର୍ଯ୍ୟ, ସେ ବା ପରାଧୀନତାକୁ ପ୍ରଶ୍ରୟ ଦେବ କିପରି ! ବିବାହ ବନ୍ଧନରେ ବାନ୍ଧି ହେବାକୁ ଇଚ୍ଛା ନଥିଲା । ଚିରକୁମାର ଜୀବନ ଯାପନ କରିବା ପାଇଁ ଆଗ୍ରହ ଥିଲେ ବି ସୁଦ୍ଧା, ପିତାଙ୍କ ମନରେ ଦୁଃଖ ନଦେଇ ବିବାହ ବନ୍ଧନରେ ଆବଦ୍ଧ ହେଲେ । ପିତା ଏଥିରେ ଖୁସି ହେବାର ଯଥେଷ୍ଟ କାରଣ ଥିଲା । ପୁତ୍ର ପରିବାର ପାଇଁ ନିଶ୍ଚିୟ ଚିନ୍ତିତ ହେବ, ଆଉ ସଭା ସମିତିରେ ଯୋଗଦେଇ ପାରିବ ନାହିଁ, ମୁଣ୍ଡ ଉପରେ ବୋଝ ଲଦିଦିଆଗଲା, ସେହି ଦାୟିତ୍ୱ ବହନରେ ସେ କେବେ ଅବହେଳା କରିବ ନାହିଁ, ଏହା ପିତା ଭଲ ଭାବରେ ଅନୁଭବ କଲେ । ବନ୍ଧୁ ବାନ୍ଧବ ଆତ୍ମିୟ ସୋଦର ବହୁବାର ବୁଝାବୁଝି କରାଇବା ପରେ, ସେମାନଙ୍କ ଉଦ୍ୟମ ସଫଳ ହୋଇଥିବାରୁ ସେମାନେ ସନ୍ତୋଷ ଲାଭ କଲେ । ବାଞ୍ଛାନିଧି ବିବାହ ପାଇଁ ସମ୍ମତ ହେଲେ । ବାଲେଶ୍ୱରର ଜିଲ୍ଲା ଅନ୍ତର୍ଗତ ସୋର ନିକଟବର୍ତ୍ତୀ ଅନନ୍ତପୁର ଗ୍ରାମର ଜମିଦାର ରାଧାକାନ୍ତ ଦାସ ପଟ୍ଟନାୟକଙ୍କ ଜ୍ୟୋଷ୍ଠାକନ୍ୟା ହେମଲତାଙ୍କ ସହିତ ତାଙ୍କର ବିବାହ ସଂପନ୍ନ ହେବା ସ୍ଥିର ହୋଇଗଲା । ମାତ୍ର ଭିନ୍ନ ସ୍ୱଭାବର ପୁତ୍ର ପାଇଁ ପିତା ଏହି ପ୍ରସ୍ତାବ ଉପରେ ଅଧିକ ଗୁରୁତ୍ୱ ଦେଇ ପାରୁ ନଥାଆନ୍ତି । ଯୌତୁକ ପ୍ରସଙ୍ଗ ଉଠିଲେ ବାଞ୍ଛାନିଧି ବିରୋଧ କରନ୍ତି । ସତ୍ୟବାଦୀ ଗୋଷ୍ଠୀର ସିଦ୍ଧାନ୍ତ ଅନୁଯାୟୀ ବିବାହ ପାଇଁ ଯୌତୁକ ଗ୍ରହଣ ନକରିବା ଲାଗି ପ୍ରଚାର ଚାଲିଥିଲା । ଏହି ଆଦର୍ଶରେ ବହୁ ଭାବରେ ପ୍ରଭାବିତ ହୋଇ ଯୌତୁକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥାଆନ୍ତି । ମାତ୍ର ଗୋଟିଏ ବୃହତ୍ ଜାତୀୟ ସ୍ୱାର୍ଥ ପାଇଁ ଅର୍ଥର ଆବଶ୍ୟକତା ପଡ଼ିବାରୁ ସେ ବାଧ୍ୟହୋଇ ପିତାଙ୍କ ପାଖରେ ତୁଣ୍ଡ ଖୋଲିଲେ ।

ସ୍ୱାଧୀନତାର ବାର୍ତ୍ତା ପ୍ରଚାର ପାଇଁ ଏକ ମାଧମ ସନ୍ଧାନରେ ଥାଆନ୍ତି । ଆଖିରେ ପଡ଼ିଲା ଇରମ ଠାରେ ପୂର୍ବରୁ ପ୍ରତିଷ୍ଠିତ ରାଧାମାଧବ ଥିଏଟର ପାର୍ଟି ଉପରେ ! ଥିଏଟର ପାର୍ଟି ମାଧମରେ ଯେ କୌଣସି ବାର୍ତ୍ତା ପ୍ରଚାର କରିହେବା ସହଜ । ଏହାକୁ ସ୍ୱାଧୀନତା ସଂଗ୍ରାମ ପାଇଁ ବ୍ୟବହାର କରିବା ଲାଗି ସିଦ୍ଧାନ୍ତ କଲେ ସିନା, ହେଲେ ଏହାର ସାଜସଜ୍ଜା ଓ ସଂସ୍କାର ନହେଲେ, ଏହାଦ୍ୱାରା କାର୍ଯ୍ୟ ହାସଲ ହୋଇପାରିବ ନାହିଁ ଭାବିଲେ । ଥିଏଟର ପାର୍ଟି ପାଇଁ ନୂତନ ଧରଣର ସିନ୍, ସ୍କ୍ରିନ ସହିତ ଆକର୍ଷଣୀୟ ପୋଷାକ ପତ୍ର ସଂଗ୍ରହ ପାଇଁ ସ୍ଥିର କଲେ । ମାତ୍ର ଏଥିପାଇଁ ଯେଉଁ ଅର୍ଥର ଆବଶ୍ୟକ ହେଲା, ତାହା ପାଇଁ ସେ ଚିନ୍ତିତ ହୋଇପଡ଼ିଲେ । ଏହି ସମୟରେ ବିବାହ ପ୍ରସ୍ତାବ ଆସିଥାଏ । ଯୌତୁକ ବାବଦରେ ଦୁଇ ହଜାର ଟଙ୍କା ଦାବୀ କରିବା ପାଇଁ ପିତାଙ୍କୁ ପ୍ରସ୍ତାବ ଦେଲେ । ପିତା ଏହାକୁ ଗ୍ରହଣ କରି କନ୍ୟା ପିତାଙ୍କୁ କହିବାମାତ୍ରେ, ସେ ବାଞ୍ଛାନିଧିଙ୍କ ପରି ଯୋଗ୍ୟ ପୁତ୍ରକୁ ଜ୍ୱାଇଁ ଭାବେ ମନୋନୀତ କରିଥିବାରୁ ଏହି ଦାବୀ ପୂରଣ କଲେ । ବିବାହ ସଂପନ୍ନ ହେଲା, 'ରାଧାମାଧବ ଥିଏଟର ପାର୍ଟି' ନବ କଳେବର ଗ୍ରହଣ କଲା । ବାଞ୍ଛାନିଧିଙ୍କ ବିବାହର ଚତୁର୍ଥୀ ବାସରରେ ଏହି ପାର୍ଟି ନାଟକ ଅଭିନୟକରି ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇ ପାରିଲା । ଏକକାଳୀନ ପାଞ୍ଚ ଶହ ଦର୍ଶକ ଦର୍ଶିକା ଏହାକୁ ଉପଭୋଗ କରି ଭଳି ସ୍ଥାୟୀ ରଙ୍ଗମଞ୍ଚ ତାଙ୍କ ଦ୍ୱାରା ସ୍ଥାପିତ ହେଲା । ନିଜ ଗ୍ରାମଠାରୁ କିଛି ଦୂର 'ଗଣିଆଁ ଡ଼ିହ' ଠାରେ ଏହି ରଙ୍ଗମଞ୍ଚ ସ୍ଥାପିତ ହେବା ସଂଗେ ସଂଗେ, ଉପରେ ଛଅଣରେ ଛାଉଣି କରାଯାଇଥିବାରୁ ଦର୍ଶକ ଦର୍ଶିକା ନାଟକ ଉପଭୋଗରେ ଅସୁବିଧା ହେଉନଥିଲା ।

ବାଞ୍ଛାନିଧି ଭବିଷ୍ୟତରେ ଜଣେ ପରୋପକାରୀ ଓ ଦେଶ ପ୍ରେମୀ ହେବେ, ଏହା ଜଣାଯାଇଥିଲା । ତାଙ୍କ ଘରଠାରୁ ସେତେବେଳେ ଦୂରରେ ଥାଏ ଡ଼ାକଘର । ଲୋକମାନଙ୍କୁ ଚିଠି ପଠାଇବା ପାଇଁ ଦୂରକୁ ଯିବାକୁ ହୁଏ । ଏଥିପାଇଁ ସେ ଛାତ୍ର ଥିବାବେଳେ ଗୋଟିଏ ବ୍ୟବସ୍ଥା କରିଥାଆନ୍ତି । ତାଙ୍କ ଘରପାଖରେ ଥିବା ଗୋଟିଏ ଆମ୍ବଗଛରେ ଟିଣଟିଏ ଝୁଲାଇ ଦେଇଥିଲେ । ସେହି ଟିଣ ଉପରେ 'ଚିଠି ବାକ୍ସ' ବୋଲି ଲେଖାଥାଏ । ଲୋକମାନେ ସେଥିରେ ଚିଠି ପକାନ୍ତି । ଯେଉଁମାନେ ନଜାଣିଥାଆନ୍ତି, ସେମାନଙ୍କୁ ସେ କହିଦିଅନ୍ତି । ପ୍ରତିଦିନ ଏହି ଟିଣ ବାକ୍ସରୁ ଚିଠି ନେଇ ବାଳକ ବାଞ୍ଛାନିଧି ଡ଼ାକ ଘରକୁ ଯାଆନ୍ତି । ଚିଠି ଗୁଡ଼ିକ ଯେପରି ଯତ୍ନରେ ଯାଇପାରେ, ସେ ଦୃଷ୍ଟି ଦିଅନ୍ତି । ଯେଉଁଦିନ ଅଧିକ ସଂଖ୍ୟକ ଚିଠି ଟିଣବାକ୍ସରେ ପଡ଼ିଥାଏ,ସେଦିନ ତାଙ୍କ ଖୁସି କହିଲେ ନସରେ । ଯେଉଁଦିନ ଚିଠି କମ୍ ଥାଏ, ଅବା ଯେଉଁଦିନ ଆଦୌ ନଥାଏ, ସେ ମନ ଦୁଃଖ କରନ୍ତି । କାଳେ ଲୋକମାନେ ଏଠାରେ ଚିଠି ପକାଇବା

ଭୁଲିଗଲେଣି ଭାବି ଚିନ୍ତିତ ହୁଅନ୍ତି । ସେଥିପାଇଁ ବାରମ୍ବାର  ଲୋକମାନଙ୍କୁ ସେହି ଟିଣ ବାକ୍ସରେ ଚିଠି ପକାଇବା ପାଇଁ ଅନୁରୋଧ କରନ୍ତି । ଅଳ୍ପ ବୟସରୁ ଏପରି ପରୋପକାର ଦେଖି ସାଧାରଣ ଲୋକ ଓ ଶିକ୍ଷକମାନେ ବହୁ ଖୁସି ହୁଅନ୍ତି । ଦିନେ ସେ ନିଶ୍ଚୟ ବଡ଼ ମଣିଷ ହେବେ, ସୁନାମ ଲାଭ କରିବେ, ସମସ୍ତେ କହନ୍ତି ।

ଦେଶ ସେବାରେ ସେ ମନପ୍ରାଣ ଢାଳି ପରିବାର କଥା ଭାବିପାରୁନଥିଲେ । ରୋଜଗାରର ପନ୍ଥା କିଛି କରାଯାଉ ବୋଲି ସମସ୍ତେ କହୁଥିବା ବେଳେ , ସେ କିନ୍ତୁ ତାଙ୍କ ପଥରେ ଅବିଚଳିତ ଥାଆନ୍ତି । ନଟଗନ୍ଧର୍ବ ସଙ୍ଗୀତ ଶିଳ୍ପୀ ଗୌରାଙ୍ଗ ଚନ୍ଦ୍ର ଦାସ ତାଙ୍କର ଅତି ଅନ୍ତରଙ୍ଗ । କବି ବାଞ୍ଛାନିଧିଙ୍କ ଗୀତର ସ୍ୱର ସଂଯୋଜନା କରି ସେ ବୋଲନ୍ତି । ତାଙ୍କ ପାଖେ ପାଖେ ସେ ରହି, ଗୀତ ମାଧ୍ୟମରେ ସ୍ୱାଧୀନତାର ବାର୍ତ୍ତା ଜନସାଧାରଣଙ୍କୁ ଶୁଣାଉଥିଲେ । ସେ ଚାକିରି କରିବା ପାଇଁ ବାଞ୍ଛାନିଧିଙ୍କୁ ପ୍ରବର୍ତ୍ତାନ୍ତି । ପରିବାର ଭଲମନ୍ଦ ବୁଝିବା ଲାଗି ଅନୁରୋଧ କରନ୍ତି । ମାତ୍ର ବାଞ୍ଛାନିଧି ଏସବୁକୁ କର୍ଣ୍ଣପାତ କରନ୍ତି ନାହିଁ । ଦିନେ ଗୌରାଙ୍ଗ ଚନ୍ଦ୍ର ଜିଦ୍‌ଧରି ଚାକିରି ପାଇଁ କହିବାରୁ ସେ ଉତ୍ତର ଦେଲେ "ଗୌରାଙ୍ଗ, ମୁଁ ତୁମମାନଙ୍କ ମନର ଭାବ ବୁଝିଛି । ମାତ୍ର ମୋ ଜିଲ୍ଲାର, ମୋ ଦେଶର କୋଟି କୋଟି ବାପା ମା ସୁସ୍ଥରେ ଖାଇବାକୁ ଓ ଖଣ୍ଡେ ଭଲ ଲୁଗା ପିନ୍ଧିବାକୁ ପାଉନଥିବା ବେଳେ ମୁଁ କିପରି ମୋ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କେବଳ ମୋରି ବାପା ମା ଙ୍କୁ ସୁଖୀ କରିବାକୁ ରୋଜଗାର କରିବି ? ଏପରି ସ୍ୱାର୍ଥପର ଲୋକ ଦୁନିଆରେ ବହୁତ ଅଛନ୍ତି । ଆଜି ଯଦି ଶିକ୍ଷିତ ଲୋକମାନେ ଟିକିଏ ଏକଥା ଭାବନ୍ତେ, ତେବେ ମହାତ୍ମାଙ୍କ ବଚନ ଏକାବର୍ଷକେ ସାର୍ଥକ ହୋଇ ରାମରାଜ୍ୟ ପ୍ରତିଷ୍ଠିତ ହୁଅନ୍ତା । ମାତ୍ର ତାହା ହେଉଛି କାହିଁ  ? ସ୍ୱାର୍ଥ ଛାଡ଼ି ନିଃସ୍ୱାର୍ଥ ସେବା କେତେ ଜଣ କରି ପାରୁଛନ୍ତି  ?

ଜଣେ ବିପ୍ଳବୀ ପକ୍ଷେ ସ୍ୱାର୍ଥପର ହେବା ସହଜ ନୁହେଁ । ବିପ୍ଳବ ଓ ସଂଗ୍ରାମ ପଥରେ କେବେହେଲେ ବ୍ୟକ୍ତିଗତ ସ୍ୱାର୍ଥ ମୁଣ୍ଡ ଟେକି ପାରେ ନାହିଁ । ଏହା ଅତ୍ୟନ୍ତ କ୍ଷୁଦ୍ର ଓ ନଗଣ୍ୟ ମନେହୁଏ । ସେ ଦୃଷ୍ଟିରୁ ବିପ୍ଳବୀ ବାଞ୍ଛାନିଧିଙ୍କ ଜୀବନରେ ସ୍ୱାର୍ଥପର ହେବା କିପରି ବା ସମ୍ଭବ ହୁଅନ୍ତା । ସେ ଦେଶ ଓ ଜାତିର ଉନ୍ନତି ପାଇଁ ଜନ୍ମ ଗ୍ରହଣ କରିଥିବା  ବେଳେ, ଘରର ବ୍ୟକ୍ତିଗତ ସ୍ୱାର୍ଥ ତାଙ୍କୁ ବାନ୍ଧି ପାରନ୍ତା ବା କିପରି ! ଛାତ୍ରାବସ୍ଥାରେ ସେ ଦେଶପ୍ରାଣ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ଉଦ୍‌ବୃଦ୍ଧ୍ ହୋଇଥିଲେ । ଯେତେବେଳେ ସେ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ, ସେତେବେଳେ ଗୋପବନ୍ଧୁଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ।  ଏହି ସମୟରେ ଗୋପବନ୍ଧୁ ତାଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟ ପାଇଁ ଆଦର୍ଶ ଛାତ୍ର ସଂଗ୍ରହରେ ବ୍ୟସ୍ତ ଥାଆନ୍ତି । ରେଭେନ୍ସା କଲେଜ ଓଡ଼ିଶାର ଶିକ୍ଷା ସଂସ୍କୃତିର ପ୍ରଧାନ କେନ୍ଦ୍ର ସ୍ଥଳ ହୋଇଥିବାରୁ ଗୋପବନ୍ଧୁ ସେଠାକୁ ବରାବର ଆସନ୍ତି । ସେଠାରେ ବିଭିନ୍ନ ସଭାସମିତି ତାଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହୁଏ । ସ୍ୱାଧୀନତା ସଂଗ୍ରାମ ପାଇଁ ସଂଗ୍ରାମୀ ସଂଗ୍ରହ ସହିତ, ବନ ବିଦ୍ୟାଳୟର ଆଦର୍ଶ ମଧ୍ୟ ପ୍ରଚାର କରୁଥିଲେ । ଛାତ୍ର ବିପ୍ଳବୀ ବାଞ୍ଛାନିଧିଙ୍କ ନିର୍ଭୀକତାକୁ ଗୋପବନ୍ଧୁ ଭୂୟସୀ ପ୍ରଶଂସା କରିବା ସହିତ, ତାଙ୍କ ସରଳ ଓ ନିଷ୍କପଟ ଜୀବନ ଯାତ୍ରା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ । ବାଞ୍ଛାନିଧିଙ୍କ ଦେଶାତ୍ମବୋଧ ସଂଗୀତ ରଚନା ତାଙ୍କୁ ମଧ୍ୟ ମୁଗ୍ଧ କରିଥିଲା ।

ସମୟକ୍ରମେ ବାଞ୍ଛାନିଧି, ଉତ୍କଳମଣି ଗୋପବନ୍ଧୁଙ୍କ ସଂସ୍ପର୍ଶରେ ଅଧିକ ଆସି, ତାଙ୍କ ନିକଟତର ହେଲେ- ସଂପର୍କ ଘନିଷ୍ଠ ହେଲା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ହୋଇଥିବା ଆନ୍ଦୋଳନ ସମୟରେ  ସେ ଗୋପବନ୍ଧୁଙ୍କର ଅତି ଘନିଷ୍ଠତର ହୋଇପଡ଼ିଲେ । ତାଙ୍କ କର୍ମ ଦକ୍ଷତା ଓ ନିଃସ୍ୱାର୍ଥପର ଦେଶ ସେବା ଉପରେ ପୂର୍ଣ୍ଣ ବିଶ୍ୱାସ ତଥା ଆସ୍ଥା ଗୋପବନ୍ଧୁ ରଖିଥାଆନ୍ତି ।  ଓଡିଶାର ବିଛିନ୍ନାଞ୍ଚଳକୁ ଓଡ଼ିଶା ସହିତ ମିଶ୍ରଣ   ପାଇଁ ଯେଉଁ ଦାବୀ ଓ ଆନ୍ଦୋଳନ ହେଉଥାଏ, ତା'ର ନେତୃତ୍ୱ ସତ୍ୟବାଦୀର ସେବକ ଓ ସଂଗ୍ରାମୀମାନେ ନେଇଥାଆନ୍ତି ।  ଗୋପବନ୍ଧୁ ମେଦିନୀପୁର, ଫୁଲଝରି ଓ ସିଂହଭୂମି ପ୍ରଭୃତି ଅଞ୍ଚଳରେ ଓଡ଼ିଆ ମାନଙ୍କ ଭିତରେ ଜାଗରଣ ସୃଷ୍ଟି ପାଇଁ ତାଙ୍କୁ ମନୋନୀତ କରିଥିଲେ ।  ସେ ପଣ୍ଡିତ ଗୋଦାବରିଶ ମିଶ୍ର ଓ ଯଦୁମଣି ମଙ୍ଗରାଜ ପ୍ରମୁଖଙ୍କ ସହିତ ସେସବୁ ଅଞ୍ଚଳକୁ ଯାଆନ୍ତି । ସେ ନିର୍ଭିକ ସ୍ୱରରେ ଓଡ଼ିଆ ଭାଷାଭାଷୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଙ୍ଗୀତ ଗାନ କରିବା ବେଳେ, ତାଙ୍କୁ ଅଣ ଓଡ଼ିଆ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେବାକୁ ପଡ଼ିଥିଲା । ଏସବୁ ବାଧା ବିଘ୍ନ ସତ୍ତ୍ୱେ ବିପ୍ଳବୀ ବାଞ୍ଛାନିଧି ବିଭିନ୍ନ ବିଛିନ୍ନାଞ୍ଚଳ ସାହସର ସହିତ ଗସ୍ତକରି ଗାନ କରନ୍ତି-

"କି ହେବ ଏ ମୁଣ୍ଡକଟା ଦେଶକୁ ଘେନି
ମୁଣ୍ଡ କଟା ଗୋଡ଼ କଟା ପଙ୍ଗୁକୁ ଘେନି
ମୋ' ଜନନୀ କି ସୁନ୍ଦର
ସିଂହଭୂମି ତା'ର ଶିର
ମେଦିନୀପୁର ମଞ୍ଜୁସା ପୟର ବେନି ।"

ବାଞ୍ଛାନିଧିଙ୍କର ଏହି ସାହସ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଗୋପବନ୍ଧୁ ତାଙ୍କର ଏପରି ଦେଶ ଭକ୍ତିରେ ଅତ୍ୟନ୍ତ ପ୍ରୀତ ହୋଇ, ନିଜ ପାଖେ ପାଖେ ତାଙ୍କୁ ରଖାଇଥିଲେ । ବିଛିନ୍ନାଞ୍ଚଳ ବ୍ୟତୀତ ଅନ୍ୟାନ୍ୟ ସାଧାରଣ ସଭା ଗୁଡ଼ିକରେ ଗୋପବନ୍ଧୁ ତାଙ୍କୁ ଭାଷଣ ଦେବା ସହିତ ସଙ୍ଗୀତ ଗାନର ସୁଯୋଗ ଦିଅନ୍ତି । ବାଲେଶ୍ୱର ଜିଲ୍ଲା ସମ୍ମିଳନୀ, ଢେଙ୍କାନାଳ, ତାଳଚେର ଓ କେନ୍ଦୁପାଟଣାରେ ଅନୁଷ୍ଠିତ ବିଭିନ୍ନ ସାଧାରଣ ସଭାରେ ଦୁହେଁ ଭାଷଣ ଦେଇଥିଲେ । କଟକ ଠାରେ ଅନୁଷ୍ଠିତ ନିଖିଳ ଉତ୍କଳ ସମାଜ ସଂସ୍କାର ସମ୍ମିଳନୀରେ

ଦୁଇଜଣ ଗୋଟିଏ ମଞ୍ଚରେ ଭାଷଣ ଦେଇ ଶ୍ରୋତାମାନଙ୍କୁ ଉଦ୍‌ବୃଦ୍ଧ କରିଥିଲେ । ଡ଼ଃ ଅଟଳ ବିହାରୀ ଆଚାର୍ଯ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ସମାଜସେବୀ ଗୋପବନ୍ଧୁ ଚୌଧୁରୀ, ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଓ ହରେକୃଷ୍ଣ ମହତାବଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା । ସେମାନଙ୍କ ସହିତ ମିଳିମିଶି ସ୍ୱାଧୀନତା ଆନ୍ଦୋଳନ ପାଇଁ କାର୍ଯ୍ୟ କରିଥିଲେ ।

ବାଞ୍ଛାନିଧି ଜଣେ ସଂଗଠକଭାବେ ସଂଗଠନ କ୍ଷେତ୍ରରେ ନିଜସ୍ୱ ଦକ୍ଷତା ପ୍ରତିପାଦନ କରିପାରିଥିଲେ । ଭଦ୍ରକ ସହର ଅନ୍ତର୍ଗତ କୁଆଁସ ଠାରେ ସେ କଂଗ୍ରେସ ଆଶ୍ରମ ସ୍ଥାପନ କରିଥିଲେ । ତାଙ୍କ ପିତା ଭଦ୍ରକରେ ଅବସ୍ଥାନ କରିବା ପରେ ବଙ୍କସାହି ଠାରେ ନିଜ ବାସଭବନ ପ୍ରତିଷ୍ଠା କରିଥିଲେ । ପୂର୍ବରୁ ବଙ୍କସାହିର ନିଜ ଘରେ ସଂଗଠନ କାର୍ଯ୍ୟ ୧୯୨୧ ମସିହାରେ ଆରମ୍ଭ ହୋଇ ଏହା ୧୯୨୨ ମସିହା ପର୍ଯ୍ୟନ୍ତ ଚାଲିଥିଲା । ସାରା ଭଦ୍ରକର କର୍ମୀମାନେ ଏହି ଆଶ୍ରମକୁ ଆସନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହି ଆଶ୍ରମ ଥିଲା କର୍ମୀମାନଙ୍କର ଆଶ୍ରୟ ସ୍ଥଳ । ବାଞ୍ଛାନିଧିଙ୍କ ପ୍ରେରଣାରେ କର୍ମୀମାନେ ମୁଠି ଚାଉଳ ଓ ଚାନ୍ଦା ଆଦାୟ କରନ୍ତି । ସଭା ସମିତି ଆୟୋଜନ କରାଯାଏ । ତାଙ୍କ ନିଷ୍ଠା ଓ ସାଙ୍ଗଠନିକ ଶକ୍ତି ଯୋଗୁଁ କଂଗ୍ରେସ ପ୍ରତି ଜନସାଧାରଣଙ୍କର ଶ୍ରଦ୍ଧା ବଢି ଯାଇଥିଲା । ସେ ସଂଗଠନକୁ ଏପରି ଶୃଙ୍ଖଳିତ ମାର୍ଗରେ ପରିଚାଳିତ କରୁଥିଲେ ଯେ, ବହୁ ସମସ୍ୟା କଂଗ୍ରେସ କାର୍ଯ୍ୟାଳୟରେ ସମାଧାନ କରାଯାଇ ପାରୁଥିଲା ।

ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ୧୯୨୪ ମସିହା ଜୁନ୍ ମାସ ୨୭ ତାରିଖରେ ଓଡ଼ିଶା ଆସିଲେ । କଟକ ଠାରେ ଉତ୍କଳ କଂଗ୍ରେସ କମିଟି ତରଫରୁ ତାଙ୍କ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭା ବାଞ୍ଛାନିଧିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ୧୯୨୬ ମସିହା ମଇ ମାସ ୩୦ ତାରିଖରେ ତାଙ୍କ ପ୍ରଚେଷ୍ଟାରେ (ଅବିଭକ୍ତ ବାଲେଶ୍ୱର) ଜିଲ୍ଲା ସ୍ତରୀୟ ରାଜନୈତିକ ସମ୍ମିଳନୀ ଭଦ୍ରକ ସହରର ଇଦ୍‌ଗାଂ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା । ମାତ୍ର ଏହା ବ୍ରିଟିଶ ସରକାର ବିରୋଧୀ ସଭା ହୋଇଥିବାରୁ, ଏହା ଉପରେ ଇଂରେଜ ସରକାର କଟକଣା ଜାରି କରିଥାଆନ୍ତି । ଉଦ୍ୟୋକ୍ତା ବାଞ୍ଛାନିଧି ୧୪୪ ଧାରା ଅମାନ୍ୟ କରି, ଉଦ୍‌ବୋଧନ ଦେବା ଯୋଗୁଁ ଗିରଫ ହୋଇଥିଲେ । ଇଂରେଜ ସରକାରଙ୍କ ପାଖରେ ଭୁଲ୍ ସ୍ୱୀକାର କରିବା ପାଇଁ ତାଙ୍କ ବିବେକ ବାଧା ଦେବାରୁ, ସେ ଜେଲ ଭୋଗିଲେ । ତାଙ୍କ ସ୍ୱାଭିମାନର ତୁଳନା ନାହିଁ । ୧୯୩୦ ମସିହା ଅପ୍ରେଲ ମାସ ୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ହେଉଛି ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ । ଓଡ଼ିଶାରେ ଏହା ପ୍ରଥମ ହୋଇଥିବାରୁ ଭଦ୍ରକରେ ଏହାକୁ ସଂଘଟିତ କରିବା ପାଇଁ ବାଞ୍ଛାନିଧି ପଦକ୍ଷେପ ନେଇଥିଲେ । ଇରମ ସମୁଦ୍ର କୂଳରେ ତାଙ୍କ ଉଦ୍ୟମରେ ଦୁଇଟି ଲୁଣମରା କେନ୍ଦ୍ର ଖୋଲାଯାଇଥିଲା । ଗୋଟିଏ ଇରମର କୁଳି ଖଟି ପଡ଼ିଆଠାରେ ଓ ଅନ୍ୟଟି ବଛଦା (ପତୁଆଁ) ପଡ଼ିଆଠାରେ ସ୍ଥାପିତ ହୋଇଥିଲା । ଏହି ଲବଣ ସତ୍ୟାଗ୍ରହରେ ନାରୀ ଓ ପୁରୁଷ ଉଭୟ ସହଯୋଗ କରୁଥାଆନ୍ତି । ପୁରୁଷ ସତ୍ୟାଗ୍ରହୀ ଦଳରେ ନିଜେ ବାଞ୍ଛାନିଧି ଦାୟିତ୍ୱ ନେଇଥିବା ବେଳେ, ମହିଳା ସତ୍ୟାଗ୍ରହୀ ଦଳରେ ତାଙ୍କର ସାବତମା କୁନ୍ଦଲତା ପୁତ୍ରଙ୍କ ଜିଦ୍ ଓ ଅନୁରୋଧରେ ଦାୟିତ୍ୱ ନେଇଥିଲେ । ସତ୍ୟାଗ୍ରହୀମାନେ ଲୁଣ ମାରୁଥିବା ବେଳେ , ସତ୍ୟାଗ୍ରହର ନେତା ବାଞ୍ଛାନିଧି ପୋଲିସ୍ ହାତରେ ଗିରଫ ହେଲେ । ଜୋରିମାନା ବାବଦରେ ତାଙ୍କୁ ୨୦୦ଟଙ୍କା ଦେବାକୁ ହେବ ଯଦି ସେ ଜୋରିମାନା ନଦିଅନ୍ତି, ତେବେ ତାଙ୍କୁ ଜେଲ ବରଣ କରିବାକୁ ହେବାର ନିର୍ଦ୍ଦେଶ ଥାଏ । ବିପ୍ଳବୀ ଜେଲ ବରଣକୁ ପଛ ଘୁଞ୍ଚା ବା ଦିଅନ୍ତେ କାହିଁକି ! ଜୋରିମାନା ନଦେଇ, ଜେଲ ଗଲେ । ତାଙ୍କୁ କଟକ ଜେଲରେ ରଖାଗଲା । ଏଣେ ଆତ୍ମୀୟ ସୋଦର ବିଶେଷ କରି ତାଙ୍କ ଶ୍ୱଶୁର ବଡ଼ ବ୍ୟସ୍ତ ହୋଇପଡ଼ିଲେ । ଶ୍ୱଶୁରଙ୍କ ଟଙ୍କାର ଅଭାବ ନଥାଏ । ଜୋରିମାନା ଟଙ୍କା ଦେଇ, ଜେଲରୁ ମୁକ୍ତ କରିବା ପାଇଁ ଜ୍ୱାଇଁଙ୍କୁ ପ୍ରସ୍ତାବ ଦେବାରୁ ସେ ସମ୍ମତ ହେଲେ ନାହିଁ । ଶ୍ୱଶୁରଙ୍କୁ ରୋକ୍ ଠୋକ୍ ଜବାବ ଦେଲେ "ମୋର ଜେଲ ଦଣ୍ଡ ସରିନିହଁ, ମୁଁ କାହିଁକି ଖଲାସ ହେବି ?"ଏହି ଘଟଣାକୁ ନେଇ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ସଂପର୍କ ତିକ୍ତ ହୋଇଗଲା- ମନାନ୍ତର ସୃଷ୍ଟିହେଲା । ମାତ୍ର ବାଞ୍ଛାନିଧି ଇଂରେଜ ସରକାରଙ୍କ ନିକଟରେ ମୁଣ୍ଡ ନୁଆଁଇଲେ ନାହିଁ । ଆଖି ଆଗରେ ପୁତ୍ରର ଜେଲ ଯିବା ଦେଖି, ମାତା କୁନ୍ଦଲତା ଦୁଃଖରେ ଭାଙ୍ଗିପଡ଼ିଲେ । ପୁତ୍ରକୁ ଝୁରି ଝୁରି ଅସୁସ୍ଥ ହୋଇ ପଡ଼ିଥିବା ମାତା ତାଙ୍କ ଜେଲ ଯିବାର ମାତ୍ର ଗୋଟିଏ ସପ୍ତାହ ଭିତରେ ପ୍ରାଣ ହରାଇଲେ ।

୧୯୨୮ ମସିହା ଅକ୍ଟୋବର ୩୦ ତାରିଖରେ 'ସାଇମନ କମିଶନ' ଭାରତରେ ପହଞ୍ଚିଲେ । ଇଂରେଜ ସରକାର ଭାରତକୁ ଆଂଶିକ ସ୍ୱାଧୀନତା ଦେବା ପାଇଁ କଳ୍ପନା କରି, ତା'ର ଯୁକ୍ତିଯୁକ୍ତତା ଅନୁସନ୍ଧାନ କରିବା ଲାଗି କମିଶନ ନିଯୁକ୍ତି କରିଥାଆନ୍ତି । ମାତ୍ର ଏଥିରେ ଭାରତୀୟମାନେ ସନ୍ତୁଷ୍ଟ ନ ହୋଇ, ଏହା ବିରୁଦ୍ଧରେ ସ୍ୱର ଉଠାଇଲେ- ବିକ୍ଷୋଭ ପ୍ରଦର୍ଶନ ହେଲା । ଇଂରେଜ ସରକାର ଅପମାନିତ ହୋଇ ବିକ୍ଷୋଭ ବନ୍ଦ ପାଇଁ ଚକ୍ରାନ୍ତ କଲେ । ଦମନ ଲୀଳା ଆରମ୍ଭ ହେଲେ ସୁଦ୍ଧା ବିକ୍ଷୋଭ ବନ୍ଦ ହେଲା ନାହିଁ । ସେତେବେଳେ ସବୁରି ତୁଣ୍ଡରେ ବିପ୍ଳବୀ ବାଞ୍ଛାନିଧିଙ୍କ ଗୀତ ଶୁଣିବାକୁ ମିଳିଲା । ସାଇମନ ବିଲାତକୁ ନିରାଶରେ ଫେରିଯିବା ପରେ ବାଞ୍ଛାନିଧି ଲେଖିଲେ-

"ଆସିଥିଲା ସାଇମନ ଦେବାକୁ ନୂଆ ଶାସନ

ଅଧିକାର ବଡ଼ ବୋଲି କୁହାଯାଇଛି,
କିପରି ସେ ଅଧିକାର ଆଗରୁ ତାହା ପ୍ରଚାର
ମନ୍ତ୍ରୀବର ବିଲାତରୁ କରି ଦେଇଛି ।"

୧୯୩୧ ମସିହାରେ ବିଲାତରେ ଭାରତର ସ୍ୱାଧୀନତା ପାଇଁ ହୋଇଥିବା ଗୋଲଟେବୁଲ ବୈଠକରେ ମହାତ୍ମାଗାନ୍ଧୀ ଭାରତର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ବୈଠକ ବିଫଳ ହେବା ପରେ ସେ ଭାରତକୁ ଫେରି ଆସିଲେ । ଏହି ବିଫଳତାକୁ ଲକ୍ଷ୍ୟକରି ବାଞ୍ଛାନିଧି ଲେଖିଥିଲେ-

"ଆଛା, ଗୋଲଟେବୁଲ ପାଲା ଲାଗିଲାରେ, ବାବା ସତ୍ୟପୀର ପୂଜା ମାଗିଲାରେ ।"

୧୯୩୭ ମସିହା ସେପ୍ଟେମ୍ବର ମାସରେ ଆଇନ ପରୀକ୍ଷଣରେ  ଉତ୍ତୀର୍ଣ୍ଣ ହେଲେ ହେଁ, ଓକିଲାତି କରିବା ତାଙ୍କ ଭାଗ୍ୟରେ ଜୁଟିଲା ନାହିଁ । ୧୯୩୮ ମସିହା ଅପ୍ରେଲ ୧୯ତାରିଖ ଅପରାହ୍ନ ଦୁଇଟା ବେଳେ ଏହି ମହାନ୍ ବିପ୍ଳବୀ ବାଞ୍ଛାନିଧିଙ୍କର ଜୀବନ ଦୀପ ଲିଭିଗଲା ।

ବାଞ୍ଛାନିଧି ସ୍ୱଳ୍ପାୟୁ ହୋଇ ସୁଦ୍ଧା, ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । କ୍ଷମତା ଲିପ୍‌ସୁ ନହୋଇ ସେ ଦେଶ ଓ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିଯାଆନ୍ତି । ଉତ୍କଳମଣି ଗୋପବନ୍ଧୁ ବିପ୍ଳବୀ ବାଞ୍ଛାନିଧିଙ୍କ ସପର୍କରେ ଲେଖିଥିଲେ –

"ଉଦରଖ କର୍ମୀ ଧନ୍ୟ ତୁମ୍ଭ ବଳ,
ଏପରି ସାଧକ ଲୋଡ଼ଇ ଉତ୍କଳ ।
ତେଜି ସବୁ ମାୟା ପରିବାର ଭୋଗ,
ସାଳନ୍ଦୀ ପୁଳିନେ ଆରମ୍ଭିଛ ଯୋଗ ।
ମନ୍ତ୍ରସିଦ୍ଧ କିମ୍ବା ଶରୀର ପାତନ,
ଜାଣେ ମୁଁ, କରିଛ ଏହି ମହାପଣ ।
ଏହି ପଣ ଏହା ଭଦ୍ରକ ଉଚିତ,
ସାଧୁ ସମାଗମେ ଯା ରେଣୁ ପବିତ୍ର ।" (ବନ୍ଦୀର ସ୍ୱଦେଶ ଚିନ୍ତା)

କବି ବାଞ୍ଛାନିଧିଙ୍କ ଜୀବନ ମାନବିକତାରେ ପରିପୂର୍ଣ୍ଣ ହୋଇଥିଲା । ସେ ଯେପରି ଭାବରେ ଗୋପବନ୍ଧୁଙ୍କ ଠାରୁ ଶ୍ରଦ୍ଧା ଓ ସ୍ନେହ ପାଇଥିଲେ, ସେପରି ମଧ୍ୟ ତାଙ୍କ ପ୍ରତି ଭକ୍ତି ଓ  ଆନ୍ତରିକତା ରହିଥିଲା । ତାଙ୍କର ଏକମାତ୍ର ଆୟୁଧ ଥିଲା ହାରମୋନିୟମ । ବାଙ୍ଗରା କଳା ରଙ୍ଗର ମଣିଷଟିଏ, ବେକରେ ହାରମୋନିୟମ ପାକଇଦେଲେ, ଦୁନିଆକୁ ଆକୃଷ୍ଟ କରିପାରେ । ସଙ୍ଗୀତ ଥିଲା ସମ୍ବଳ । ଏହାର ପ୍ରଭାବ ଥିଲା ଅସିମ । ଯେ କୌଣସି ସଭା ଓ ସମ୍ମେଳନରେ ସେ ପ୍ରଥମେ ସଂଗୀତ ଗାନ କରି, ଶ୍ରୋତାମାନଙ୍କୁ ନିସ୍ତବ୍ଧ କରିସାରିଲା ପରେ, ନେତାମାନେ ଭାଷଣ ଆରମ୍ଭ କରନ୍ତି ।  ଡ଼ଃ ମହତାବ, ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତୀ ଓ ଦ୍ୱାରିକା ନାଥ ଦାସ ପ୍ରମୁଖ ତାଙ୍କ ସଂଗୀତ ଯୋଗୁ ସମ୍ମେଳନକୁ ସଫଳ କରିପାରନ୍ତି । ସେ ପ୍ରଥମେ ଗୀତ ଗାଇ, ମୁଗ୍ଧ କରିସାରିଲା ପରେ , ଏମାନଙ୍କ ଭାଷଣ ଆରମ୍ଭ ହୁଏ । ସେ ଥିଲେ ବଡ଼ ସ୍ପଷ୍ଟବାଦୀ ଓ ନିର୍ଭିକ । ଜମିଦାରଙ୍କ ଅନ୍ୟାୟ ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ, ଅନ୍ୟମାନଙ୍କୁ ଅନ୍ୟାୟର ପ୍ରତିବାଦ କରିବା ପାଇଁ ମତାନ୍ତି ।

ନଟ ଗନ୍ଧର୍ବ ଗୌରାଙ୍ଗ ଚନ୍ଦ୍ର ଦାସ ତାଙ୍କୁ ସଙ୍ଗୀତ ପରିବେଷଣରେ ସାହାଯ୍ୟ କରନ୍ତି । 'ଦି ନିଉ ଓଡ଼ିଶା ଥିଏଟର' ହେଉଛି ଗୌରାଙ୍ଗ ବାବୁ ଓ ବାଞ୍ଛାନିଧିଙ୍କ କୃତୀତ୍ୱ । ଭଦ୍ରକ ଜିଲ୍ଲାର ମଇତାପୁର ଠାରେ 'ଗଣେଷ ଅପେରା ପାର୍ଟି' କୁ 'ଦି ନିଉ ଓଡ଼ିଶା ଥିଏଟର' ପାର୍ଟିରେ ବାଞ୍ଛାନିଧି ପରିଣତ କରିବା ପରେ, ଗୌରାଙ୍ଗ ବାବୁ ଏହାର ନିର୍ଦ୍ଦେଶକ ହେଲେ । ଏହି ନାଟକ ଦଳର ଆଭିମୁଖ୍ୟ ଥିଲା ସ୍ୱାଧିନତା ପାଇଁ ଜନ ସଚେତନତା ସୃଷ୍ଟି । ଓଡିଶାର ବିଭିନ୍ନ ସ୍ଥାନକୁ ନାଟକ ଦଳ ଯାଏ- ନାଟକ ଅଭିନୟ କରେ । ବାଞ୍ଛାନିଧି ବାବୁ ଦେଶାତ୍ମବୋଧକ ଗୀତ ଗାଇ ଜନତାକୁ ଉଦ୍‌ବୁଦ୍ଧ କରନ୍ତି । ୧୯୩୭ ମସିହାରେ କଲିକତାର ମୋଗାଫୋନ କଂପାନୀ ପକ୍ଷରୁ ପ୍ରଯୋଜିତ ୩ଟି ରେକର୍ଡ଼ରେ ଛଅଗୋଟି ସଂଗୀତ ଗାନ କରିଥିଲେ । ପୂର୍ବରୁ ୧୯୩୦ ମସିହାରେ ଗୌରାଙ୍ଗ ଚନ୍ଦ୍ର ଦାସ, ତାଙ୍କର କେତୋଟି ଗୀତ ଗ୍ରାମଫୋନ କଂପାନୀ His master's voice ପକ୍ଷରୁ ପ୍ରଯୋଜିତ ରେକର୍ଡ଼ରେ ଗାନ କରି ପ୍ରଶଂସିତ ହୋଇଥିଲେ